# ତହସିଲଦାରଙ୍କ ଅଦାଲତ, କେନ୍ଦୁଝର

ରାଜସ୍ୱ ବିବିଧ କେଶ ନଂ. ୪୯/୨୦୨୪

## ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିର ଖତିୟାନ ମନ୍ତବ୍ୟ କଲମରେ ଉଲ୍ଲେଖ ଥିବା ବ୍ୟକ୍ତିଙ୍କ ନାମରେ ବେଆଇନ ଦାଖଲ ନୋଟ ରହିଥିଲେ ହେଁ, ପ୍ରକୃତ ପକ୍ଷେ ଉକ୍ତ ଜମି ବର୍ତ୍ତମାନ ପତିତ ରହିଅଛି। ଏଣୁ ଉକ୍ତ ଜମି ର ସରକାରୀ ଉଦ୍ଦେଶ୍ୟରେ ସୁବିନିଯୋଗ ନିମନ୍ତେ ବେଆଇନ ଦାଖଲ ନୋଟ ଉଚ୍ଛେଦ କରାଯିବା ଅପରିହାର୍ଯ୍ୟ ହୋଇପଡିଛି। ଏଥିରେ ଯଦି କୌଣସି ବ୍ୟକ୍ତି ବେଶେଷ/ସମ୍ପୃକ୍ତ ଗ୍ରାମବାସୀ/ ସମ୍ପୃକ୍ତ ଗ୍ରାମ ପଞ୍ଚାୟତଙ୍କର ଆପତ୍ତି ଅଭିଯୋଗ ଥାଏ, ତାହା ହେଲେ ସେ/ସେମାନେ ଏହି ଇସ୍ତାହାର ପ୍ରକାଶନ ର ୧୫ ଦିନ ମଧ୍ୟରେ ସେମାନଙ୍କ ଆପତ୍ତି ଅଭିଯୋଗ ଲିଖିତ ଆକାରରେ ଟ. ୨୦.୦୦ ଙ୍କା (କୋଡିଏ ଟଙ୍କା) ର କୋର୍ଟ ଫି ସଂଲଗ୍ନ କରି ନିମ୍ନ ସ୍ୱାକ୍ଷର କାରୀଙ୍କୁ ଦରଖାସ୍ତ କରି ପାରିବେ ଏବଂ ତାହା ବିଚାର ପାଇଁ ଗ୍ରହଣ ଯୋଗ୍ୟ ହେବ। ନିର୍ଦ୍ଧାରିତ ସମୟ ପରେ କୌଣସି ଆପତ୍ତି ଅଭିଯୋଗ ଦରଖାସ୍ତ ବିଚାର ପାଇଁ ଯୋଗ୍ୟ ବିବେଚିତ ହେବ ନାହିଁ।

### ତଫସିଲ
### ମୌଜା:- ଶଙ୍କର

| ଖାତା ନଂ | ପ୍ଲଟ ନଂ | ରକବା | କିସମ | ମନ୍ତବ୍ୟ |
|---|---|---|---|---|
| ୧୯୭ (ସର୍ବସାଧାରଣ) | ୧୭୫୮ | ୦.୪୦ | ବାଗାୟତ | ନରେନ କୋହ୍ଲ; ପି: ଲୁତୁ କୋହ୍ଲ; ଜା: କୋହ୍ଲ; ବା: ନିଜଗାଁ |

ତହସିଲଦାର, କେନ୍ଦୁଝର
TAHASILDAR
KEONJHAR

ଏହାର ଏକକିତ ନକଲ ସମ୍ପୃକ୍ତ ଗ୍ରାମର ପ୍ରକାଶ୍ୟ ସ୍ଥାନରେ ଡାକବାଜି ଜନ୍ତ୍ର ଦ୍ୱାରା ପ୍ରଚାର ନିମନ୍ତେ ପ୍ରେରିତ ହେଲା।ଅନ୍ୟ ଏକକିତ ନକଲ ସଂପୃକ୍ତ ପୌରପାଳିକା କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଏବଂ ଅନ୍ୟ ଏକକିତା ନକଲ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରକାଶନ ପାଇଁ ପ୍ରେରିତ ହେଲା।ଅନ୍ୟ ଏକକିତା ନକଲ District Website: http:// kendujhar.odisha.gov.in ରେ ପ୍ରକାଶନ ପାଇଁ ପ୍ରେରିତ ହେଲା।

ତହସିଲଦାର, କେନ୍ଦୁଝର
TAHASILDAR
KEONJHAR

Scanned with OKEN Scanner